# ମାଟିଗଦାରୁ ଗ୍ରାମରକ୍ଷୀଙ୍କୁ ଉଦ୍ଧାର କଲେ ସାମ୍ବାଦିକ ଦମ୍ପତି

ନନ୍ଦପୁର,୨୧।୬ (ସମିସ): ନନ୍ଦପୁରରୁ ପାଡୁଆ ଦେଇ ଯାଇଥିବା ଏମ୍‌ଡିଆର ୫୫ ରାସ୍ତାରେ ମେଗା ଜଳ ପ୍ରକଳ୍ପର ପାଇପ୍ ଲାଇନ୍ ବିଛାଇବା କାର୍ଯ୍ୟ ଚାଲିଥିବା ବେଳେ ଖୋଳାଯାଇଥିବା ମାଟି ରାସ୍ତା କଡ଼ ଓ ରାସ୍ତା ଉପରେ ପଡ଼ି ରହୁଥିବାରୁ ଯାତାୟାତ ବିପଦସଙ୍କୁଳ ହୋଇପଡ଼ିଛି। ବିଶେଷକରି ରାତ୍ରି ସମୟରେ ଯାନବାହନ ଚଳାଚଳ କରିବାରେ ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରବିବାର ସନ୍ଧ୍ୟାରେ ଏହି ଅବ୍ୟବସ୍ଥାର ଶିକାର ହୋଇ ନନ୍ଦପୁର ଥାନାରେ କାର୍ଯ୍ୟରତ ଗ୍ରାମରକ୍ଷୀ ଲକ୍ଷ୍ମଣ ମୁଦୁଲି ଆହତ ହୋଇଥିଲେ। ସେ ନିଜ ଗ୍ରାମ ଲୁଜିଁରୁ ରାତ୍ର ଡ୍ୟୁଟି ପାଇଁ ଯାଉଥିବା ବେଳେ ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ନିକଟରେ ରାସ୍ତା ଉପରେ ପଡ଼ିଥିବା ମାଟିଗଦାରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ଫଳରେ ସେ ରାସ୍ତା କଡ଼ରେ ଆହତ ଅବସ୍ଥାରେ ପଡ଼ି ରହିଥିଲେ। ଏହି ସମୟରେ କୌଣସି କାର୍ଯ୍ୟରେ ନନ୍ଦପୁର ଆସି ଫେରୁଥିବା ସାମ୍ବାଦିକ ତ୍ରିନାଥ ଖରା ଓ ତାଙ୍କ ପତ୍ନୀ ତାଙ୍କୁ ଦେଖି ତୁରନ୍ତ ଉଦ୍ଧାର କରିଥିଲେ। ସେମାନେ ଆହତ ଗ୍ରାମରକ୍ଷୀଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଏପରି ଘଟଣା ପରେ ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ସମୟରେ ଖୋଳାଯାଉଥିବା ମାଟିକୁ ତୁରନ୍ତ ସଫା କରିବା ସହ ଦୁର୍ଘଟଣା ରୋକିବା, ସତର୍କତାମୂଳକ ସଙ୍କେତ ଫଳକ ଓ ଆଲୋକ ବ୍ୟବସ୍ଥା କରିବା ଅପରିହାର୍ଯ୍ୟ ବୋଲି ସାମ୍ବାଦିକ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖବର ପାଇ ନନ୍ଦପୁର ଥାନା କର୍ମଚାରୀ ମେଡିକାଲରେ ପହଞ୍ଚି ଥିଲେ।

# ନିଶା ନିବାରଣ ପାଇଁ ଅଣ୍ଟାଭିଡ଼ିଲେ ୩ଖଣ୍ଡ ଗ୍ରାମର ମହିଳା

ବୈପାରୀଗୁଡ଼ା,୨୧।୬(ସମିସ): ଗାଁରେ ଦେଶୀ ମଦ ବିକ୍ରି ବନ୍ଦ କରିବା ପାଇଁ ମହିଳା ମାନେ ବାରମ୍ବାର କହିବା ସତ୍ତ୍ୱେ କିଛି ଅମାନିଆ ମଦ ମାଫିଆ ଦେଶୀ ମଦ ରାନ୍ଧିବା ସହ ଘରେ ଆଣି ବିକ୍ରି କରୁଥିବାରୁ ଉତ୍ତ୍ୟକ୍ତ ମହିଳା ମଦ ବେପାରୀଙ୍କ ଘରୁ ମଦ ଜବତ କରି ନଷ୍ଟ କରିଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବୈପାରିଗୁଡା ଅବକାରୀ ଥାନା ଅନ୍ତର୍ଗତ ପୁପୁଗାଁ ପଞ୍ଚାୟତର ଚନ୍ଦ୍ରଶୁଣ୍ଠିଗୁଡା , ପାତ୍ରପୁଟ ଏବଂ ପୁପୁଗାଁ ଭଳି ତିନି ଖଣ୍ଡ ଗ୍ରାମରେ। ମହିଳାମାନେ ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ପାଇଁ ପୁଲିସ ଏବଂ ଅବକାରୀ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ଉ କରାଯାଇ ମଦ ଜବତ କରିବା ପରେ ମଧ୍ୟ ମଦ ବିକ୍ରି ବନ୍ଦ ନହେବାରୁ ତିନି ଖଣ୍ଡ ଗ୍ରାମର ମହିଳା ଏକଜୁଟ ହୋଇ ମଦ ବିକ୍ରି ବନ୍ଦ କରିବା ପାଇଁ ଆଜି ଅଣ୍ଟା ଭିଡ଼ିଛନ୍ତି। ମହିଳାମାନଙ୍କ କହିବା ଅନୁଯାୟୀ, ପୁପୁଗାଁ ଗ୍ରାମରେ ମଦ ବିକ୍ରି ହେଉଥିବା ଯୋଗୁଁ ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନିଶାର ଅଭ୍ୟସ୍ତ ହୋଇସାରିଲେଣି। ପୁରୁଷ ମାନେ କାମଧନ୍ଦା ନ କରି ଦିନସାରା ମଦ ପିଇ ଘରକୁ ଆସି ଝଗଡ଼ା କରିବା ସହ ସ୍ତ୍ରୀ ପିଲାଙ୍କୁ ମାରପିଟ୍ କରିଥାନ୍ତି। ମହିଳା ମାନେ ମୂଲ ଲାଗି ଯାହା ଦି ପଇସା ରୋଜଗାର କରି ଆଣନ୍ତି । କିନ୍ତୁ ପୁରୁଷ ମାନେ ସ୍ତ୍ରୀକୁ ନାଲିଆଖି ଦେଖାଇ ମଦ ପିଇବା ପାଇଁ ପଇସା ଛଡେଇ ନିଅନ୍ତି। ଯୁବପିଢି ସବୁବେଳେ ନିଶାଶକ୍ତ ଅବସ୍ଥାରେ ରୁହନ୍ତି। ସ୍କୁଲ କଲେଜ ଯିବା ବଦଳରେ ମଦ ପିଇ ଜୁଆ ଖେଳନ୍ତି। ମଦ ଲାଗି ଅକାଳରେ ଯୁବକ ମାନେ ମୃତ୍ୟୁବରଣ କରୁଥିବା ଦୁଃଖରେ ପ୍ରକାଶ କରିଛନ୍ତି। ମଦ ଯୋଗୁଁ ପରିବାରରେ ଅଶାନ୍ତି ହେବାସହ ଗ୍ରାମରେ ଚୋରି ଡକାୟତି ବଢ଼ିବାରେ ଲାଗିଛି। ଆଜି ତିନି ଖଣ୍ଡ ଗ୍ରାମର ମହିଳା ଅବକାରୀ ବିଭାଗର ଉପସ୍ଥିତିରେ ମଦ ନଷ୍ଟ କରିବା ସହ ମଦ ବିକ୍ରି କରୁଥିବା ବେପାରୀଙ୍କ ଘରେ ପହଞ୍ଚି ମଦ ବିକ୍ରି ବନ୍ଦ କରିବା ପାଇଁ ତାଗିଦ୍ କରିଥିଲେ। ତାଗିଦ୍ ପରେ ମଧ୍ୟ ଯଦି କେହି ଗ୍ରାମରେ ମଦ ବିକ୍ରି କରେ ତେବେ ତାକୁ ଗ୍ରାମରୁ ତଡ଼ା ଯିବ ବୋଲି ଚେତାବନୀ ଦେଇଛନ୍ତି ତିନି ଖଣ୍ଡ ଗ୍ରାମର ମହିଳା।



# ଶିଶୁ ଓ କିଶୋର ଶ୍ରମ ନିଷେଧ ଓ ନିୟନ୍ତ୍ରଣ ସଚେତନତା ଅଭିଯାନ

ନବରଙ୍ଗପୁର,୨୧।୬(ସମିସ): ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଅଧୀନ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁ ଓ କିଶୋର ଶ୍ରମ ନିରାକରଣ, ଉଦ୍ଧାର ଏବଂ ପୁନର୍ବାସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆୟୋଜିତ ୧୫ ଦିନିଆ "ଶିଶୁ ଓ କିଶୋର ଶ୍ରମ ନିଷେଧ ଓ ନିୟନ୍ତ୍ରଣ ସଚେତନତା ଅଭିଯାନ ର ଶୁଭାରମ୍ଭ ଆଜି ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଛି। ଏହି ଅବସରରେ ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଓ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ), ନବରଙ୍ଗପୁର ଛୋଟରାୟ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ସୋଭା ଅନୁଷ୍ଠାନ କର୍ମକର୍ତ୍ତା ତଥା ବିଭିନ୍ନ ସମ୍ପୃକ୍ତ ବିଭାଗର ଅଧିକାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।ସଚେତନତା ରଥଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ନବରଙ୍ଗପୁର ବସ୍‌ଷ୍ଟାଣ୍ଡ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ନବରଙ୍ଗପୁର ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତ ଅଞ୍ଚଳ ପରିଭ୍ରମଣ କରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଜନସମ୍ପର୍କ ଓ ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ

ନବରଙ୍ଗପୁର,୨୧।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସ୍ଥାନୀୟ ପୋଲିସ ପଡ଼ିଆ ଠାରେ "ବିକାଶର ଧାରା ଓଡ଼ିଶା ସାରା' ଜିଲ୍ଲାସ୍ତରୀୟ ଜନସମ୍ପର୍କ ଓ ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ ହୋଇଯାଇଛି।ମୁଖ୍ୟ ଅତିଥି ଭାବେ ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରଦର୍ଶନୀ ଷ୍ଟଲ୍ ପରିଦର୍ଶନ କରିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ 'ନବରଙ୍ଗପୁରର ବିକାଶ' ଶୀର୍ଷକ ଡକ୍ୟୁମେଣ୍ଟାରୀ ଦେଖିଥିଲେ। ନବରଙ୍ଗପୁର ବିଧାୟକ ୭୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସୁବାସ ବୋଷ ଛକ ଠାରୁ ଏକ ରିଙ୍ଗ ରୋଡ ସଦୃଶ ନିର୍ମାଣ ଏବଂ ୨୩ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ କ୍ରୀଡ଼ା ଭବନ ସ୍ଥାପନର ପ୍ରସ୍ତାବ ଉପରେ ମତ ପ୍ରକାଶ କରିଥିଲେ।ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରସ୍ତୁତ "ପ୍ରଗତି ପ୍ରବାହ' ଏବଂ "ବିକାଶର ଧାରା ଓଡ଼ିଶା ସାରା' ପ୍ରଚାର ପୁସ୍ତିକା ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ମହିଳା ଓ ଶିଶୁ ବିକାଶ ବିଭାଗର ୨ ବର୍ଷର ସଫଳତା ସମ୍ପର୍କିତ ପୁସ୍ତିକାକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ମଞ୍ଚରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଅଙ୍ଗନବାଡି କର୍ମୀ ମାନଙ୍କୁ ମୋବାଇଲ ବଣ୍ଟନ କରାଗଲା। ନବରଙ୍ଗପୁର ଜିଲ୍ଲାର ବୁଦ୍ଧିଜୀବୀ ମାନେ ଜିଲ୍ଲାର ବିକାଶ ନିମନ୍ତେ ସେମାନଙ୍କର ମତାମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ନବରଙ୍ଗପୁର ବିଧାୟକ ତଥା ଆଜିର କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଗୌରୀ ଶଙ୍କର ମାଝୀ ନିଜ ବକ୍ତବ୍ୟରେ ଜିଲ୍ଲାରେ ଭିତ୍ତିଭୂମି ବିକାଶ ଏବଂ ମିଶନ ମୋଡରେ ସମସ୍ତ ଜନ ହିତକର ଯୋଜନାକୁ ଆନ୍ତରିକତା ସହ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଝରିଗାଁ ବିଧାୟକ ନରସିଂହ ଭତରା ନିଜ ବକ୍ତବ୍ୟରେ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ଯୋଜନାର ପ୍ରଶଂସା ପୂର୍ବକ ପ୍ରଶାସନ ତରଫରୁ ଏହାର ସଠିକ୍ ରୂପାୟନ ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ ଗତ ଦୁଇ ବର୍ଷରେ ନବରଙ୍ଗପୁର ଜିଲ୍ଲାରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ଓ ତାହାର ସଫଳତା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରଦର୍ଶନୀରେ ବିଭିନ୍ନ ବିଭାଗର ୩୦ଟି ଷ୍ଟଲ୍ ଖୋଲାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବାସନ୍ତୀ ମାଝୀ, ମନ୍ତ୍ରୀଙ୍କ ପ୍ରତିନିଧି କୁଞ୍ଜ ବିହାରୀ ଦାସ,ମାନ୍ୟବର ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନବରଙ୍ଗପୁର ସୁନୀଲ ଖରା ପ୍ରମୁଖ ଉପସ୍ଥିତ ଥିଲେ।



# ବାଇକ୍-ଟ୍ରକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ପାପଡାହାଣ୍ଡି, ୨୧।୬(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି କାଠଡିପୋ ନିକଟରେ ବାଇକ୍ ଓ ଟ୍ରକ ମୁହାଁମୁହିଁ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ଦ୍ରୁବ ଯାଦବ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ଛତିଶଗଡ ରାଜ୍ୟ ବସ୍ତର ଜିଲ୍ଲା ବୋକାବଣ୍ଡ ଥାନା ଅନ୍ତର୍ଗତ ଛୋଟେଦେବରା ଗ୍ରାମର ଦ୍ରୁବ ଯାଦବ (୪୭) ଆଜି ସକାଳୁ କୌଣସି କାମରେ ଏକ ବାଇକ ଯୋଗେ ଭବାନୀପାଟଣା ଯାଉଥିଲେ। ଏହି ସମୟରେ ଏକ ଟ୍ରକ ସୁନ୍ଦରଗଡ଼ ଠାରୁ ନବରଙ୍ଗପୁର ଅଭିମୁଖେ ଯିବା ସମୟରେ କାଠ ଡିପୋ ନିକଟରେ ମୁହାଁମୁହିଁ ଧକ୍କାରେ ବାଇକ ଚାଳକ ରାସ୍ତା କଡ଼ରେ ଗୁରୁତର ଅବସ୍ଥାରେ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଥାନ ଅଧିକାରୀ ଉମେଶ ଚନ୍ଦ୍ର ନାୟକ ଓ ପୁଲିସ ଟିମ୍ ଘଟଣାସ୍ଥଳ ପହଞ୍ଚି ଶବ ଜବତ କରି ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଶବ ଗୃହରେ ରଖିଛନ୍ତି। ଟ୍ରକ ଓ ବାଇକକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରହିଥିବା ତଦନ୍ତ ଅଧିକାରୀ ଉମାକାନ୍ତ ଶବର ସୂଚନା ଦେଇଛନ୍ତି।

# ବଜ୍ରପାତରେ ଜଣେ ମୃତ

ମୁନିଗୁଡ଼ା,୨୧।୬(ସମିସ) ରାୟଗଡ଼ ଜିଲ୍ଲା ମୁନିଗୁଡା ଥାନା ଅନ୍ତର୍ଗତ କୁମୁଡାବାଲି ଆଦିବାସୀ ସାହିର ଜଣେ ବୃଦ୍ଧ ଗତକାଲି ବଜ୍ରପାତରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତକ ଜଣକ ହେଲେ ଲଛି ବିଡିକା(୬୯)। ସୂଚନା ଅନୁଯାୟୀ ଗତକାଲି ଦିନ ୨ଟା ସମୟରେ ଲଛି ଘରୁ ବାହାରି ପୋଢ ଚରାଇବା ପାଇଁ ନିକଟସ୍ଥ ଲାଡିପଙ୍ଗା ବଂଶ ଧାରା ନଦୀ ନିକଟସ୍ଥ ପଡିଆକୁ ଯାଇ ଆଉ ଘରକୁ ଫେରିନଥିଲେ। ଗତକାଲି ୪ଟା ସମୟରେ ପ୍ରବଳ ମାତ୍ରାରେ ଘଡଘଡି ସହ ବିଜୁଳି ମାରିଥିଲା। ସନ୍ଧ୍ୟାରେ ଲଛି ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି କୌଣସି ସନ୍ଧାନ ପାଇପାରିନଥିବା ବେଳେ ଆଜି ପୁଣି ଖୋଜିବା ସମୟରେ ମୃତଦେହକୁ ଦେଖି ମୁନିଗୁଡା ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ମୁନିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଶବ ବ୍ୟବଚ୍ଛେଦ କରିବା ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରି ତଦନ୍ତ ଚଳାଇଛି।

# ଗଛରେ ପିଟିହେଲା ଟ୍ରଲର

ଟିକିରି,୨୧।୬(ସମିସ): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଶଙ୍କରଡା ନିକଟରେ ଆଜି ଅପରାହ୍ନରେ ଏକ ଟ୍ରଲର ଜିଜେ ୦୬ ଏଭି ୬୩୧୯ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଲାଗିଥିବା ଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି।



ଖବରପାଇ ଟିକିରି ପୋଲିସ ଓ ଗ୍ରାମବାସୀଙ୍କ ସହଯୋଗରେ ଏହାକୁ ଉଦ୍ଧାର କରି ଉଷାପଡା ସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତି କରିଥିଲେ। ସୂଚନା ଥାଉ କି ଟ୍ରଲରଟି ଆଦିତ୍ୟ ଅଲୁମିନା ରିଫାଇନେରୀ କାରଖାନାରୁ ଜିନିଷ ଖାଲି କରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ଅନୁଷ୍ଠାନ କ୍ଷେତ୍ର ପରିଦର୍ଶନ



ନନ୍ଦାହାଣ୍ଡି,୨୧।୬(ସମିସ): ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ନନ୍ଦାହାଣ୍ଡି ବ୍ଲକର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଓ ସରକାରୀ ଅନୁଷ୍ଠାନର କ୍ଷେତ୍ର ପରିଦର୍ଶନ କରାଯାଇଥିଲା। ପ୍ରଥମେ ପ୍ରଶାସନିକ ଟିମ୍ ନନ୍ଦାହାଣ୍ଡି ବ୍ଲକର ଡଙ୍ଗରଭେଜା ପଞ୍ଚାୟତ ଅନ୍ତର୍ଗତ ସରୁଗୁଡା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାରେ ସ୍ୱାସ୍ଥ୍ୟସେବାର ସ୍ଥିତି ସମୀକ୍ଷା କରିଥିଲେ। ପରେ ଦହଣା ପଞ୍ଚାୟତରେ ନିର୍ମାଣାଧୀନ ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରାଯାଇଥିଲା। ତା'ପରେ ତେନ୍ତୁଲୀଖୁଣ୍ଟି ବ୍ଲକକୁ ଯାଇଥିଲେ। ଏହି ପରିଦର୍ଶନରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ବିରେଞ୍ଚି ନାରାୟଣ ଦରୱାନ, ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ନବରଙ୍ଗପୁର ବିଡିଓ ସୁନୀଲ ଖରା, ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ, ଆଇଟିଡିଏ ଇଓ ରାଜୀବ କୁମାର ସାହୁ, ପୂର୍ତ୍ତ ବିଭାଗର ଇଓ କ୍ଷୀରଧର କନ୍ଦପାଣି, ଏସ୍‌ଡିଓ ଧବଳେଶ୍ୱର ମାଝୀ, ଆରଡବ୍ଲୁଏସ୍‌ଏସ୍ ଏସ୍‌ଡିଓ ବିବେକ ରଞ୍ଜନ ବେହେରା ଏବଂ ଏଇଇ ଶଙ୍କର ବୁଡେକ ପ୍ରମୁଖ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ସରକାରୀ ଯୋଜନାଗୁଡ଼ିକର ସଠିକ କାର୍ଯ୍ୟକାରିତା ଏବଂ ଲୋକଙ୍କୁ ଉନ୍ନତ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ସତ୍ୟସାଇ ସେବା ସଂସ୍ଥାର ରକ୍ତଦାନ ଶିବିର



## ୫୧ ୟୁନିଟ ରକ୍ତ ସଂଗ୍ରହ

ସେମିଲିଗୁଡ଼ା,୨୧।୬(ସମିସ): ସେମିଲିଗୁଡାର ସତ୍ୟ ସାଇ ସେବା ସଂଗଠନର ଅମୃତ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସତ୍ୟସାଇ ସେବାସଂଗଠନର ଜିଲ୍ଲା ସଭାପତି ମାର୍କଣ୍ଡେୟ ସରାଫ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସେବା ସଂଯୋଜକ ଏମ.ଭେଙ୍କଟରମଣ, ଯୁଗ୍ମ ସେବା ସଂଯୋଜକ ଟୁକୁନା କୁମାର ସାହୁ, ଜିଲ୍ଲା ଯୁବ ସଂଯୋଜକ ସତ୍ୟବ୍ରତ ଜେନା, ଆବାହକ ନୀଳମାଧବ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଫବିଡିଓର ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ଡକ୍ଟର ନରେଶ ଚନ୍ଦ୍ର ସାହୁ, ସ୍ନିଗ୍ଧାରାଣୀ ମିଶ୍ର, ଜୟ ବାଡତ୍ୟା, ଜ୍ୟୋସ୍ନା ବାଡତ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଶିବିରରେ ତିନୋଟି ଦମ୍ପତ୍ତି ରକ୍ତଦାନ କରିଥିଲେ। ଯୁଗ୍ମ ସଂଯୋଜକ ଟୁକୁନା ସାହୁ, ପତ୍ନୀ ସୁନୀତା ସାହୁ, ପୁଅ ଶାଶ୍ୱତ ସାହୁ, ମିଳିତ ଭାବରେ ରକ୍ତଦାନ କରି ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ଗ୍ରୀଷ୍ମ ସମୟରେ ରକ୍ତର ଅଭାବ ସମୟରେ ଏହି ଶିବିର କରିଥିବାରୁ ସମସ୍ତେ ପ୍ରଶଂସା କରିଥିଲେ। ଶିବିରରେ ସମୁଦାୟ ୫୧ୟୁନିଟ ରକ୍ତ ସଂଗ୍ରହ କରାଯାଇ ଥିଲା।କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ରକ୍ତ କେନ୍ଦ୍ରର କର୍ମଚାରୀବୃନ୍ଦ ରକ୍ତ ସଂଗ୍ରହ କରିଥିଲେ।

# ତୀରନ୍ଦାଜ ପ୍ରଶିକ୍ଷକ ରାଜେଶ ହାସଦାଙ୍କ ପରଲୋକ



ମାଲକାନଗିରି, ୨୧।୬(ସମିସ): ଓଡ଼ିଶାର ପ୍ରଖ୍ୟାତ ଅନ୍ତର୍ଜାତୀୟ ତୀରନ୍ଦାଜ ଏବଂ ଦକ୍ଷ ପ୍ରଶିକ୍ଷକ ରାଜେଶ ହାସଦାଙ୍କର ଶନିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା। କିଛି ଦିନ ଧରି ସେ ମସ୍ତିଷ୍କାଘାତରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଥିବା ଖବର ପ୍ରକାଶ ପାଇବା ପରେ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳିଯାଇଛି। ମାଲକାନଗିରି ଜିଲ୍ଲାର ଏମ୍‌ଭି-୨ ଗ୍ରାମର ବାସିନ୍ଦା ରାଜେଶ ହାସଦା ଖେଳାଳି ଓ ପ୍ରଶିକ୍ଷକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଓଡ଼ିଶା ପକ୍ଷରୁ ବିଭିନ୍ନ ବୟସ ବର୍ଗର ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ୭ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ଜିତିଥିଲେ। ଏହା ସହ ସେ ଭାରତୀୟ ଦଳ ପକ୍ଷରୁ ଏକାଧିକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦେଶକୁ ପ୍ରତିନିଧିତ୍ୱ କରିଥିଲେ। ୧୯୯୮ ମସିହାର ବ୍ୟାଙ୍କକ୍ ଏସୀୟ କ୍ରୀଡ଼ାରେ ତାଙ୍କର ଅଂଶଗ୍ରହଣ ତାଙ୍କ କ୍ରୀଡ଼ା ଜୀବନର ଏକ ଉଲ୍ଲେଖନୀୟ ଅଧ୍ୟାୟ ଥିଲା। ଖେଳାଳି ଜୀବନ ପରେ ସେ ପ୍ରଶିକ୍ଷକ ଭାବେ ନୂଆ ଅଧ୍ୟାୟ ଆରମ୍ଭ କରିଥିଲେ। ଓଡ଼ିଶା ତୀରନ୍ଦାଜୀ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇବା ସହ ସେ ଭାରତୀୟ ବିଶ୍ୱବିଦ୍ୟାଳୟ ତୀରନ୍ଦାଜ ଦଳର ମୁଖ୍ୟ ପ୍ରଶିକ୍ଷକ ଏବଂ ଭାରତୀୟ ଜୁନିୟର ତୀରନ୍ଦାଜ ଦଳର ପ୍ରଶିକ୍ଷକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ଦୀର୍ଘ ବର୍ଷ ଧରି ସେ କିଟ୍ ଏବଂ କିସ୍‌ରେ ତୀରନ୍ଦାଜୀ ପ୍ରଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଦକ୍ଷ ପ୍ରଶିକ୍ଷଣରେ ରାଜେଶ ନାୟକଙ୍କ ସମେତ ୪୦ରୁ ଅଧିକ ଅନ୍ତର୍ଜାତୀୟ ତୀରନ୍ଦାଜ ସୃଷ୍ଟି ହୋଇଛନ୍ତି। ତୀରନ୍ଦାଜୀ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ୨୦୦୦ ମସିହାରେ ସେ ସମ୍ମାନଜନକ ଏକଲବ୍ୟ ପୁରସ୍କାର ପାଇଥିଲେ। ରାଜେଶ ହାସଦାଙ୍କ ଦେହାନ୍ତରେ ଓଡ଼ିଶା ତୀରନ୍ଦାଜୀ ସଂଘର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ରବିବାର ତାଙ୍କ ମରଶରୀର ମାଲକାନଗିରି ଜିଲ୍ଲାସ୍ଥିତ ବାସଭବନରେ ପହଞ୍ଚିବା ପରେ ଶତାଧିକ ଯୁବକ, ଖେଳାଳି, କ୍ରୀଡ଼ାପ୍ରେମୀ ଏବଂ ଅଞ୍ଚଳବାସୀ ଶେଷ ଦର୍ଶନ କରିଥିଲେ। ପରେ ଏକ ଶୋକାକୁଳ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା।

# କୋଡିଙ୍ଗାମାଳି ବକ୍ସାଇଟ ଖଣି ସମ୍ପ୍ରସାରଣକୁ ସବୁଜ ସଙ୍କେତ





ରାୟଗଡ଼, ୨୧।୬ (ସମିସ): କୋରାପୁଟ ଓ ରାୟଗଡ଼ ଜିଲ୍ଲା ଲକ୍ଷ୍ମୀପୁର ଓ କାଶୀପୁର ତହସିଲ ଅନ୍ତର୍ଗତ ୪୨୮. ୦୭୫ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ କୋଡୀଙ୍ଗାମାଳି ବକ୍ସାଇଟ ଖଣିରୁ ବାର୍ଷିକ ୩. ୬ ନିୟୁତରୁ ୬ ନିୟୁତ ଟନ୍ ବକ୍ସାଇଟ ସମ୍ପ୍ରସାରଣ ପାଇଁ ରାୟଗଡା ଜିଲ୍ଲାର ରାୟଗଡ଼ ସ୍ଥିତ ଅଶୋକ କଲ୍ୟାଣ ମଣ୍ଡପରେ ଆଜି ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରାୟଗଡ଼ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଜନଶୁଣାଣିରେ କାଶୀପୁର ବ୍ଲକର ପୋଡ଼ାପାଡ଼ି ଓ ବାଙ୍କମ୍ବା ଦୁଇଟି ପଞ୍ଚାୟତ ଅଧୀନ ସାତଟି ଗ୍ରାମର ଲୋକେ ଯୋଗ ଦେଇଥିଲେ। ଜନଶୁଣାଣିରେ ୨୬ ଜଣ ଗ୍ରାମବାସୀ ସମ୍ପ୍ରସାରଣ ସପକ୍ଷରେ ମତ ରଖିଥିବା ବେଳେ ୨୩ ଜଣ ଲିଖିତ ଭାବେ ସହମତି ପ୍ରଦାନ କରିଥିଲେ। ସେହିପରି କଂସାରୀଗୁଡ଼ା, ପୋଡ଼ାପାଡ଼ି, କିନ୍ଦିରିପଦର, ଫୁଲଝରା, ଉପରକୋଡିଙ୍ଗା, ବାଙ୍କମ୍ବା ଓ ବଜରଗଡ଼ ଗ୍ରାମର ୫୦୦ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ରହି ଖଣି ସମ୍ପ୍ରସାରଣକୁ ସମର୍ଥନ କରିଥିଲେ। ତେବେ ସମ୍ପ୍ରସାରଣକୁ ସହମତି ଜଣାଇଥିଲେ ମଧ୍ୟ ଗ୍ରାମବାସୀମାନେ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେବାକୁ ଦାବି କରିଥିଲେ। ବିଶେଷକରି ପାନୀୟ ଜଳ, ରାସ୍ତାଘାଟ, ବିଦ୍ୟାଳୟ, ସ୍ୱାସ୍ଥ୍ୟସେବା, ଭଲ ସୁବିଧା, ସ୍ଥାନୀୟ ଯୁବକ-ଯୁବତୀଙ୍କୁ ନିଯୁକ୍ତି ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଦୃଢ଼ ଦାବି ଉଠାଇଥିଲେ। ସୂଚନାଯୋଗ୍ୟ ଯେ, ଓଡ଼ିଶା ଖଣି ନିଗମ (ଓଏମସି) ପରିଚାଳିତ କୋଡିଙ୍ଗାମାଳି ବକ୍ସାଇଟ ଖଣି ଅବିଭକ୍ତ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଓ କାଶୀପୁର ତହସିଲ ଅନ୍ତର୍ଗତ ୪୨୮.୦୭୫ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ। ଖଣିର ବାର୍ଷିକ ଉତ୍ପାଦନ କ୍ଷମତାକୁ ୩.୬ ନିୟୁତ ଟନରୁ ୬.୦ ନିୟୁତ ଟନକୁ ବୃଦ୍ଧି କରିବା ପ୍ରସ୍ତାବକୁ ନେଇ ଏହି ଜନଶୁଣାଣି ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଞ୍ଜନ କହଁରଙ୍କ ଉପସ୍ଥିତିରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଅଶୋକ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁଣପୁର ଉପଜିଲ୍ଲାପାଳ ଦିଲିପ ଅଭିଷେକ ଦୁଧାଲ, ରାୟଗଡ଼ ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ସମଗ୍ର ଜନଶୁଣାଣି ଶାନ୍ତିପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହୋଇଥିଲା।

- ▶ ବିକାଶ ଓ ନିଯୁକ୍ତି ଦାବିରେ ସ୍ୱର ଉଠାଇଲେ ଗ୍ରାମବାସୀ
- ▶ ଖଣି ସମ୍ପ୍ରସାରଣକୁ ହଁ, ଅଞ୍ଚଳର ବିକାଶକୁ ପ୍ରାଥମିକତା ଦାବି
- ▶ ବାର୍ଷିକ ଉତ୍ପାଦନ ୩.୬ ନିୟୁତରୁ ବଢ଼ି ୬ ନିୟୁତ ଟନ୍ ହେବ

# ବିଦ୍ୟାର୍ଥୀ ଶିକ୍ଷା ଅନୁଷ୍ଠାନର ବାର୍ଷିକ ଯୋଜନା ବୈଠକ



କୋଷାଗୁମୁଡ଼ା,୨୧।୬(ସମିସ): ଚଳିତ ୨୦୨୬-୨୭ ଶିକ୍ଷାବର୍ଷର ପ୍ରଥମ ବୈଠକ ବିଦ୍ୟାର୍ଥୀ ଅନୁଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୈଳାସ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତା କରିଥିଲେ। ଶେଷ ବର୍ଷର ୧୦୦ ପ୍ରତିଶତ ରେଜଲ୍ଟ ପାଇଁ ସବୁ ଷ୍ଟାଫଙ୍କୁ ତାଙ୍କ ପରିଶ୍ରମ ପାଇଁ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା। ଚଳିତ ବର୍ଷର ସିଲାବସ ,ସାପ୍ତାହିକ ପରୀକ୍ଷା, ଗ୍ରୁପ୍‌ର ମେସେଜ, ପ୍ରୋଜେକ୍ଟର କ୍ଲାସ ,କମ୍ପ୍ୟୁଟର କ୍ଲାସ, ଅଭିଭାବକ ବୈଠକ, ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ରଣ କୌଶଳ, ଡ୍ରେସ ବଣ୍ଟନ,+୨ ବିଜ୍ଞାନ ଓ କଳା ପିଲାଙ୍କ ପାଇଁ ହଷ୍ଟେଲରେ ରହିବା ଏବଂ ସିଲାବସ ସମାପ୍ତ କରିବା ଭଳି ବିଷୟ, ବାର୍ଷିକ ପିକନିକ୍, ଷ୍ଟଡି ଟୁର ଏବଂ ଆଗାମୀ ଦିନରେ ପିଲା ମାନେ କିଭଳି ଭାବରେ ନିଜକୁ ପ୍ରସ୍ତୁତ କରିବେ ସେଥି ପ୍ରତି ଆଲୋଚନା ହୋଇଥିଲା। ବୈଠକରେ ଅନୁଷ୍ଠାନର ଅନ୍ୟ ଷ୍ଟାଫ ତଥା ଅଭିଜିତ୍ ତ୍ରିପାଠୀ, ରାମଚନ୍ଦ୍ର ମହାନ୍ତି,ବିକାଶ ଚନ୍ଦ୍ର ବାରିକ,ସାଗରିକା ପ୍ରଧାନ, ଗାୟତ୍ରୀ ନାୟକ, ଭୂପତି ନାୟକ, ଭୁବନେଶ୍ୱରୀ ମହାରଣା, ଜ୍ଞାନେନ୍ଦ୍ର ପଣ୍ଡା, ସୀଲ୍‌ପା ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ଅନୁଷ୍ଠାନ ମୁଖ୍ୟ ନୂତନ ନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଥିଲେ।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

# 'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ ଜରୁରୀ'






**ସେମିଲିଗୁଡା, ୨୧।୬ (ସମିସ):** ସେମିଲିଗୁଡା ମହାବିଦ୍ୟାଳୟରେ ଅର୍ନ୍ତଜାତୀୟ ଯୋଗ ଦିବସ ପାଳନ ହୋଇଛି। ମହାବିଦ୍ୟାଳୟର ଅଧକ୍ଷା ଡ . ଝାନସୀ ସିଂହଙ୍କ ତତ୍ତ୍ୱାବଧାନରେ ଯୋଗ ପ୍ରଶିକ୍ଷକ ବିମଳଚାନ୍ଦ ପଟ୍ଟନାୟକ, ସ୍ୱର୍ଣ୍ଣଲତା ପଟ୍ଟନାୟକ ଏବଂ ସ୍ୱର୍ଣ୍ଣପ୍ରଭା ମୁନି ଯୋଗ ଦେଇଥିଲେ। ଯୋଗ ପ୍ରଶିକ୍ଷକ ଯୋଗର ଉପକାରିତା ବିଷୟରେଆଲୋକପାତ କରିଥିଲେ। ଏହିଯୋଗ ଦିବସକୁ ସଫଳ କରାଇବାରେ ଜାତୀୟ କ୍ୟାଡେଟ୍ କୋର (ଏନ୍‌ସିସି)ର ସିଟିଓ ଶ୍ରୀପତି ଚରଣ ଗିରି ଏବଂ କ୍ୟାଡେଟ୍, ସ୍କାଉଡ ଗାଇଡର ଲିଡର ରତ୍ନମଣି କହଁର ଓ ନିରଞ୍ଜନ ପୋଢ ଏବଂ ରେଞ୍ଜର ରୋଭର, ରେଡକ୍ରସର କାର୍ଯ୍ୟକ୍ରମ ଅଧିକାରୀ ଶିବାସିଷ ପଟ୍ଟନାୟକ ଏବଂ ସ୍ୱେଚ୍ଛାସେବୀ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ରମେଶ କୁମାର ମଲ୍ଲିକ ଏବଂ ସ୍ୱେଚ୍ଛାସେବୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ହରପ୍ରସାଦ ପତି, ଦେବରାଜ ନାୟକ, ଡ. ଗୀତା ପଟ୍ଟନାୟକ, ଡ. ବିଦ୍ୟୁତ ପ୍ରଭା ରାଉତ, ସୁରେଶ ପାଇକରାୟ, ରବିନାରାୟଣ ମିଶ୍ର, ଚିତ୍ତରଞ୍ଜନ ଦାସ, ରିସବିତା ଖୋସ୍ଲା, ଅମିତା ହୋତା, ବିଜୟଲକ୍ଷ୍ମୀ ଦଳେଇ, ପିଙ୍କି ଗୋୟାଲ, ରସ୍ମିତ ସାହୁ, ସୁସ୍ମିତା ଗିରି, ଅର୍ଚ୍ଚନା ବିଷୋଇ,ରୋନାଲି ନାୟକ, ବିନୋଦ ଲେଙ୍କା, ବିଜୟ ପାଙ୍ଗି, ସତ୍ୟନାରାୟଣ ମିଶ୍ର, ଅଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଅଧାପକ ନିରଞ୍ଜନ ପୋଢ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ।

**କୋଷାଗୁମୁଡ଼ା :** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ଠାରେ ବ୍ଲକ ପ୍ରଶାସନ, ରାଜନେତା,ସ୍କୁଲ ଛାତ୍ରଛାତ୍ରୀ ସ୍ଥାନୀୟ ବାସିନ୍ଦ ମିଳିତ ଭାବେ ଏହି ଯୋଗ ଦିବସ ପାଳନ କରିଛନ୍ତି। ସମସ୍ତେ ଏକ ମନ ଏକ ଧାନରେ ଯୋଗଭ୍ୟାସ କରିଥିଲେ। ପରିଶେଷରେ ସମସ୍ତଙ୍କ ପାଇଁ ଗଜାମୁଗ ଚଣା ଦିଆ ଯାଇଥିଲା। ବ୍ଲକ ପ୍ରଶାସନ ତଥା ବିଡ଼ିଓ ଆଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାସ ଏବଂ ସୀମାଞ୍ଚଳ ମାଳି ଯୋଗ ଗୁରୁଭାବେ ସମସ୍ତଙ୍କୁ ଯୋଗ ଶିକ୍ଷା ଦେବା ସହ ପ୍ରତିଦିନ ଯୋଗ କରିବା ପାଇଁ ଶପଥ ପାଠ କରେଇଥିଲେ

**ଜୟପୁର :** ଜୟପୁର ସହରର ବିଭିନ୍ନ ସଂଗଠନ , ପୌରସଂସ୍ଥା ଏବଂ ଜିଲ୍ଲା କୋର୍ଟ ଆଜି ୧୨ତମ ଆର୍ନ୍ତଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନ ୬ଟା ସମୟରେ ଜୟପୁର ମାଦଳାସାହି ପୌର ବ୍ୟାୟାମଶାଳା ଠାରେ ଜିଲ୍ଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ଏହି ଦିବସରରେ ଦୀପ ପ୍ରଜ୍ୱଳନ ସହିତ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୋରାପୁଟ ଜିଲ୍ଲା ସଭାପତି ଅମ୍ବିକା ରଞ୍ଜନ ପାଣିଗ୍ରାହୀ, ରାଜ୍ୟ ମହିଳା ଉପସଭାପିତ ଜାନକୀ ପାଣିଗ୍ରାହୀ, ଭାରତ ସ୍ୱାଭିମାନ ପ୍ରଭାରୀ କୃଷ୍ଣ ପ୍ରସାଦ ଦୋରା, ଜିଲ୍ଲା ଯୁବ ପ୍ରଭାରୀ ଦିନେଶ କୁମାର ପଣ୍ଡା, ମହିଳା ପ୍ରଭାରୀ ମଞ୍ଜୁଳା ପାତ୍ର, କିସାନ ପ୍ରଭାରୀ ମଦନମୋହନ ନାୟକ, ଜିଲ୍ଲା ସଂଯୋଜକ ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ରହିବା ସହିତ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ଥାନୀୟ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଜଜ୍ ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଥିଲା। ସେହିପରି ପୌରସଂସ୍ଥା ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଯୋଗ ଦିବସ କାର୍ଯ୍ୟକ୍ରମରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ପୌର ଉପାଧକ୍ଷା ବି.ସୁନିତା ପ୍ରମୁଖଙ୍କ ସମେତ କର୍ମଚାରୀ ଉପସ୍ଥିତ ରହିବା ସହିତ ଯୋଗ ଓ ପ୍ରାଣାୟମ କରିଥିଲେ। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରର ଏହି ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ହୃଷିକେଶ ସେନାପତି ଯୋଗଦେଇ ଏହି ଦିବସ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ସହିତ ସମସ୍ତ ରୋଗଠାରୁ କିଭଳି ବିନା ଔଷଧ ଓ ଡକ୍ଟରରେ ଦୂରରେ ରହିବେ ଏହାର ବାର୍ତ୍ତା ଓ ଶିକ୍ଷା ଦେଉଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସେହିପରି ଶାରଦା ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରସ ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟସେଠୀଙ୍କ ଅଧକ୍ଷତା ଏବଂ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ପୂର୍ବାହ୍ନ ଓ ଅପରାହ୍ନ ସ୍ଥାନୀୟ ଟାଉନହଲ, ବିଭିନ୍ନ ପାର୍କ ଗୁଡିକରେ ଏହି ଦିବସ ପାଳନ କରାଯାଇଥିଲା।

**ନବରଙ୍ଗପୁର :** ନବରଙ୍ଗପୁର ପୁରୁଣା ମଣ୍ଡେଇ ପଡିଆ ବା ପୋଲିସ ପଡ଼ିଆ ଠାରେ ଜିଲ୍ଲା ସ୍ତରୀୟ ଅନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଯୋଗ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ଲୋକସଭା ବଳଭଦ୍ର ମାଝୀ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିବା ବେଳେ ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ( ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ, ନବରଙ୍ଗପୁର ସହରର ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନ କର୍ମକର୍ତ୍ତା ,ଗଣ ମାଧମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଦୁଇ ଜଣ ଯୋଗ ଶିକ୍ଷକ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ ଏବଂ ହରିଶ ବେହେରା ମଞ୍ଚରେ ଯୋଗ ଅଭ୍ୟାସ ପ୍ରଦର୍ଶନ କରିଥିଲେ ଏବଂ ତାହାକୁ ଅନୁସରଣ କରି ଉପସ୍ଥିତ ପଞ୍ଜୀକୃତ ୭୦୦ରୁ ଉର୍ଦ୍ଧ୍ୱର୍ ଯୋଗ ଅଭ୍ୟାସ କରିଥିଲେ। ଯୋଗ ଦିବସ ଉପଲକ୍ଷେ ଶପଥ ପାଠ କରିଥିଲେ। ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମ ନିମନ୍ତେ ଉଚ୍ଚ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା , ଚିତ୍ରାଙ୍କନ,ସ୍ଲୋଗାନ ଲିଖନ,ପୋଷ୍ଟର୍ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଅତିଥି ଗଣ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟଜିତ ରାୟ ଆୟୋଜନ ଏବଂ ମନୋଜ ପଟ୍ଟନାୟକ ସଞ୍ଚାଳନ କରିଥିଲେ। ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ପିଏମଶ୍ରୀ ଆର୍‌ସିଡି ହାଇସ୍କୁଲ, ମ୍ୟୁନିସିପାଲ ହାଇସ୍କୁଲ, ପ୍ୟାରେଣ୍ଟସ ପ୍ରାଇଡ ସ୍କୁଲ, ନବରଙ୍ଗପୁର ପବ୍ଲିକ ସ୍କୁଲ, ଟେକ୍ନୋ ଗୁରୁକୁଳ, ସ୍ମାର୍ଟ ଗୁରୁକୁଳ, ସରସ୍ୱତୀ ଜ୍ଞାନ ମନ୍ଦିର,ଏକ୍ସ ବୋଡର୍ ସ୍କୁଲ, ଜେଇଏଲସି, ଥିଓଡର ପବ୍ଲିକ ସ୍କୁଲ, ବିଦ୍ୟାର୍ଥୀ ମହାବିଦ୍ୟାଳୟ, ନବରଙ୍ଗପୁର ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ବରିଷ୍ଠ ନାଗରିକ ସଂଘ, ଓମ୍ ଶାନ୍ତି ଅନୁଷ୍ଠାନ, ଜିଲ୍ଲା କ୍ଲିନର ସଂଘ, ସିଭିଲ ସୋସାଇଟିର ସଭ୍ୟ ଯୋଗ ଅଭ୍ୟାସ କରିଥିଲେ।

**ନନ୍ଦପୁର :** ନନ୍ଦପୁର ବ୍ଲକ କାର୍ଯ୍ୟଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଭାରତ ସମେତ ସମଗ୍ର ବିଶ୍ୱ ୨୧ ଜୁନରେ ଯୋଗ ଦିବସ ପାଳନ କରୁଛନ୍ତି। ଜିପିଡିଓ ଦେବେନ୍ଦ୍ର ମାଝୀଙ୍କ ଅଧକ୍ଷତାରେଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଇଓ ଦିବାକର ପୁରୋହିତ, ବିଏସଏସଓ ନାଗରାଜ ଆଚାରୀ, ଏସଆଇ ଗୁପ୍ତେଶ୍ୱର ଗୌଡ, ବିପିଏମ ବିଚିତ୍ର ରାଉତଙ୍କ ସମେତ ବହୁ ଯୋଗ ପ୍ରେମୀ ଯୋଗ ଦେଇଥିଲେ। ଚାପ ମୁକ୍ତ ଜୀବନ ଶୈଳୀ ନିମନ୍ତେ ଯୋଗ ଆବଶ୍ୟକତା ବୋଲି କହିଛନ୍ତି। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ନନ୍ଦପୁର ଖଣ୍ଡ ପ୍ରମୁଖ ଏନ୍ ପ୍ରସାଦ ଦାସ ସଂଘର ଅନ୍ୟ ସଦସ୍ୟ ମାନଙ୍କ ସହ ଉପସ୍ଥିତ ରହି ଯୋଗ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନ ବିପିସି ବିଚିତ୍ରା କୁମାର ରାଉତ ପରିଚାଳନା କରିଥିଲେ।

**କୋରାପୁଟ :** କୋରାପୁଟ ଷ୍ଟାଡିୟମ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, କୋରାପୁଟ ଏସପି ରୋହିତ ବର୍ମାଙ୍କ ସହ ୭୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇ ଯୋଗ ଅଭ୍ୟାସ କରିଥିଲେ। ବାର୍ଦ୍ଧକ୍ୟ ସମୟରେ ସୁସ୍ଥ ଶରୀର ଓ ମନ ପାଇଁ ଯୋଗ ଅତ୍ୟନ୍ତ ଉପଯୋଗୀ ବୋଲି ବିଧାୟକ ରଘୁରାମ ମାଛ ନିଜ ବକ୍ତବ୍ୟରେ କହିଥିଲେ। କୋରାପୁଟ ସହରର ୧୦ରୁ ଉର୍ଦ୍ଧ ସ୍ଥାନରେ ଯୋଗ ଦିବସ ପାଳନ କରାଯାଇଛି। ଯୋଗ ଶିକ୍ଷକ ପ୍ରହଲ୍ଲାଦ ସାହୁ, ସୁବାସ କୁମାର ସ୍ୱାଇଁ ଉପସ୍ଥିତ ରହି ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଯୋଗଦେଇ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରହଣକାରୀମାନଙ୍କୁ ଯୋଗ ଉପରେ ସଚେତନତା ପତ୍ରିକା ବଣ୍ଟନ କରାଯାଇଥିଲା ଓ ପ୍ରତିଦିନ ଅତିକମରେ ୩୦ ମିନିଟ ଯୋଗ କରିବାକୁ ଶପଥ ନିଆଯାଇଥିଲା।

**ଦାମନଯୋଡି :** 'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ' ଶୀର୍ଷକ ବାର୍ତ୍ତା ସହ "ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬' ଆଜି ନାଲ୍‌କୋ ପକ୍ଷରୁ ନାଲ୍‌କୋ କ୍ଲବ ପରିସରରେ ପାଳିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ମହାପ୍ରବନ୍ଧକ (ଏଚ୍ ଆର) ସୁଗତୋ ଆନନ୍ଦ ବାସୁ, ସିଜିଏମ (ଏ ଆର) ଦିଲିପ କୁମାର ବାଗ, ସିଜିଏମ (ଅର୍ଥ) ସଞ୍ଜୟ ଗୁପ୍ତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦିଲ୍ଲୀ ପବ୍ଲିକ ସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିର, ସ୍ୱୀକୃତି ପ୍ରାପ୍ତ ଶ୍ରମିକ ସଂଘ, ନାଲକୋ ଲେଡିଜ କ୍ଲବ ଏବଂ ନାଲକୋ କର୍ମଚାରୀ ପରିବାରବର୍ଗ ଏହି ଶିବିରରେ ଭାଗ ନେଇ ଯୋଗ ଅଭ୍ୟାସ କରିଥିଲେ। ନାଲକୋର ଉଚ୍ଚପଦସ୍ଥ ଅଧିକାରୀ ବିଛନ୍ଦ ଚରଣ ଦାଶ, ମନୋରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ପ୍ରବନ୍ଧକ ଅରୁଣ କୁମାର ମହାନ୍ତି, ପ୍ରବନ୍ଧକ ପ୍ରବିଣ କୁମାର ମିସାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରାର୍ଥୀ ମାନଙ୍କୁ ନାଲକୋ ପକ୍ଷରୁ ଟି ସାର୍ଟ , ଗଜାମୁଗ, ଏବଂ ଫଳ ବଣ୍ଟନ କରାଯାଇଥିଲା। ମାଥଲପୁଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନାଲକୋ କମ୍ୟୁନିଟି ସେଣ୍ଟର ଏବଂ ଭେଜାପୁଟ ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା

**ସୁନାବେଡ଼ା :** ସୁନାବେଡା ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟର ଯୁବ ରେଡକ୍ରସ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ଅନସୂୟା ନନ୍ଦ ଉଦ୍‌ଘାଟନ କରି ଶରୀର ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ଅଧାପିକା ଓ ଯୋଗଗୁରୁ ଚିନ୍ମୟୀ ପଣ୍ଡା ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଯୁବ ରେଡ଼କ୍ରସର ପରାମର୍ଶଦାତା ଡ. ଶାନ୍ତନୁ ନାୟକ ଏହି ଶିବିରର ଆୟୋଜନ କରିଥିଲେ। ଉପାଧକ୍ଷ ଡକ୍ଟର ସଞ୍ଜୟ ପୁରୋହିତ, ବରିଷ୍ଠ ପ୍ରାଧାପିକା ହିରଣ୍ମୟୀ ତ୍ରିପାଠୀ, ଅଧାପିକା ପ୍ରିୟଦର୍ଶିନୀ ରଥ, ଲୋପାମୁଦ୍ରା ଦିବେଦୀ, ସୁନିତା ସାହୁ, ସୌଭାଗ୍ୟମୟୀ ସେଠୀ, ମଦନ ହରିଜନ, ଯଶୋବନ୍ତି ସ୍ୱାଇଁ, ଦିଲ୍ଲୀପ ସାମଲ, ମଗ୍ନେଶ୍ୱର ନାଗ, ନିଶାମଣୀ ସାହୁ, ଅରୁଣ ବାରିକଙ୍କ ସହ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି ସୁନାବେଡ଼ା -୨ ସ୍ଥିତ ଡିଏଭି ଭିଏସ୍ ବିଦ୍ୟାଳୟ, ପ୍ରାଙ୍ଗଣରେ ଆଜି ଅନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ବାସୁଦେବ ପାଣିଗ୍ରାହୀ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀମାନେ ଯୋଗାସନ ପ୍ରଦର୍ଶନ କରି ଯୋଗର ଗୁରୁତ୍ୱ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିବାରର ସକ୍ରିୟ ସହଭାଗିତା ଦେଖିବାକୁ ମିଳିଥିଲା।

**ଉମରକୋଟ :** ଉମରକୋଟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ଠାରେ ଯୋଗ ଦିବସ ପାଳନ କରାଯାଇଛି। ଭାରପ୍ରାପ୍ତ ଅଧିକାରୀ ଅଶୋକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସପ୍ତାହବ୍ୟାପି ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ତ୍ତାକୁ ନେଇ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଉମରକୋଟ ପଞ୍ଚାୟତ ସମିତି ଏବଂ ଉମରକୋଟ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଠାରେ ଏକ ବିଶାଳ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍ଥାନୀୟ ବାସିନ୍ଦା ମହିଳା ପୁରୁଷ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢୀ, ସାଂସଦ ପ୍ରତିନିଧି ରାମ ନାୟକ, ମନ୍ଦିରା ନାୟକ , ପୌର ପରିଷଦ ଅଧକ୍ଷା ରାଧାଭତ୍ରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର, କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ବିଭୁ ଭୁଷଣ ବେହେରା, ଏମ୍ ବିଜୟ କୁମାର, ଚନ୍ଦନା ମଲ୍ଲିକ ଏବଂ ପୌର ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

**ନାରାୟଣପାଟଣା :** ନାରାୟଣପଟଣା ବ୍ଲକ ପ୍ରଶାସନ ପକ୍ଷରୁ ପିଏମଶ୍ରୀ ସରକାରୀ ବିଦ୍ୟାଳୟ ଖେଳ ପଡିଆରେ ଅନ୍ତର୍ଜାତୀୟ ଯୋଗ ଦିନ ଆୟୋଜନ କରାଯାଇଥିଲା। ସରକାରୀ କର୍ମଚାରୀ, ସ୍ଥାନୀୟ ଯୁବକ ଯୁବତୀ ଏଥିରେ ସାମିଲ ହୋଇଥିଲେ। ସମଗ୍ର ବିଶ୍ୱରେ ଯୋଗର ପ୍ରସାର ପ୍ରଚାର କରିବା ତଥା ଲୋକଙ୍କୁ ଯୋଗ ପ୍ରତି ଉତ୍ସାହିତ କରିବା ହେଉଛି ଏହି ଯୋଗ ଦିବସର ମୁଖ୍ୟ ଉଦ୍ଦେଶ୍ୟ। ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ତୁଳ ଶରୀର ସୁସ୍ଥ ରହିବାର ସମସ୍ତ ପ୍ରକାର ଯୋଗ କରିବା ସହ ଉପସ୍ଥିତ ସମସ୍ତଙ୍କୁ ଉତ୍ସାହିତ କରାଇଥିଲେ। ଯୋଗ ଗୁରୁ ପ୍ରଦିପ ପଣ୍ଡା, ସସ୍ମିତା ମହାନନ୍ଦିଆ, ହିରୋ ପ୍ରଧାନ ଶରୀରକୁ ସୁସ୍ଥ ସବଳ ସହ ମାନସିକ ଶାନ୍ତି ପାଇଁ ବିଭିନ୍ନ ପ୍ରକାର ପ୍ରାଣାୟମ ସହ ଯୋଗ ଶିକ୍ଷା ଶିଖାଇଥିଲେ। ଛାତ୍ର ଛାତ୍ରୀ,ଶିକ୍ଷକ ଶିକ୍ଷୟତ୍ରୀ, ଅଙ୍ଗନବାଡି କର୍ମୀ, ସାମ୍ବାଦିକ, ଓ ଅନେକ ଶତାଧିକ ସାଧାରଣ ଜନତା,ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରିଥିଲେ। ଯୋଗ ଦିବସରେ ଅଂଶ ଗ୍ରହଣ କରିଥିବା ସମସ୍ତଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଶଂସା ପତ୍ର ଦେଇ ଉତ୍ସାହିତ କରାଯାଇଥିଲା। ଶେଷରେ ମାଣ୍ଡିଆ ଜାଉ ସହ ବିଭିନ୍ନ ପ୍ରକାରର ପୁଷ୍ଟିକର ଖାଦ୍ୟ ସମସ୍ତଙ୍କୁ ଖାଇବାକୁ ଦିଆଯାଇଥିଲା। ପରିବାର ସମସ୍ତଙ୍କୁ ପ୍ରତିଦିନ ଖାଇବାକୁ ମାଣ୍ଡିଆ ଜାଉ ଖାଇବାକୁ ରମେଶ ତୁଳ ପରାମର୍ଶ ଦେଇଥିଲେ। ଯୋଗ ଦିବସ କାର୍ଯ୍ୟକର୍ମରେ ନାରାୟଣପଟଣା ଯୋଗାଣ ସହାୟକ ମନୋଜ ଘଣ୍ଟ, ରାଜ କୁମାର ସାରଥୀ ସମସ୍ତ ପ୍ରକାର ସହଯୋଗ କରିଥିଲେ।

**ବୈପାରୀଗୁଡା :** ବୈପାରୀଗୁଡା ବ୍ଲକ ପ୍ରଶାସନ ତରଫରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବିଡ଼ିଓ ସୁବ୍ରତ ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧକ୍ଷ ପୁର୍ଣିମା ବାରିକ, ସରପଞ୍ଚ ସୂର୍ଯ୍ୟମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଯୋଗ ପ୍ରଶିକ୍ଷକ ଭାବେ ଭଜମନ ମାଳି ଉପସ୍ଥିତ ରହି ଉପସ୍ଥିତ ସମସ୍ତଙ୍କୁ ନେଇ ଯୋଗାଭ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ପୋଲିସ ଷ୍ଟାଫ, ମେଡିକାଲ ଷ୍ଟାଫ, ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ ବେହେରା, ଜିପିଡିଓ ରାଜେନ୍ଦ୍ର ପ୍ରସାଦ ପାତ୍ର, ଫ୍ରେଣ୍ଡସ୍ ୟୁନିଟ କ୍ଲବ ସଦସ୍ୟ, ସମସ୍ତ ବ୍ଲକ ଷ୍ଟାଫ୍ ଅଂଗ୍ରହଣ କରିଥିବା ବେଳେ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀ ପରିଚାଳନା କରିଥିଲେ। ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମଧ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମେଡିକାଲ ସମସ୍ତ ଷ୍ଟାପ୍ ଏବଂ ରୋଗୀଙ୍କ ସମ୍ପର୍କୀୟଙ୍କୁ ନେଇ ବିଭିନ୍ନ ପ୍ରକାଶ ଯୋଗାଭ୍ୟାସ କରାଯାଇଥିଲା










## ଆୟବର୍ହିଭୁତ ସମ୍ପତି ଠୁଳ ମାମଲା

# ଜେଲ୍ ଗଲେ ଲାଞ୍ଚୁଆ ସହକାରୀ ନିର୍ବାହୀ ଯନ୍ତ୍ରୀ

**ଜୟପୁର,୨୧।୬(ସମିସ):** କୋରାପୁଟ ଜିଲ୍ଲା କୋଟପାଡ ବ୍ଲକ କାର୍ଯ୍ୟାଳୟର ଗିରଫ ଲାଞ୍ଚୁଆ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀଙ୍କୁ ଆଜି ପୂର୍ବାହ୍ନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରିଥିଲେ। ତାଙ୍କ ଓକିଲ ପକ୍ଷରୁ ଜାମିନ ଆବେଦନ କରିଥିଲେ, ଏହାର ଶୁଣାଣି ନିମନ୍ତେ ଆସନ୍ତା ଜୁଲାଇ ୪ ତାରିଖ ଧାର୍ଯ୍ୟ କରାଯାଇଛି। ତେଣୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ଲାଞ୍ଚୁଆ ଯନ୍ତ୍ରୀ ଶ୍ରୀ ସେଠୀଙ୍କୁ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗ ହାଜତକୁ ପଠାଯାଇଛି। ଯନ୍ତ୍ରୀ ଶ୍ରୀ ସେଠୀଙ୍କ ବିରୋଧରେ ଆୟବର୍ହିଭୁତ ସମ୍ପତି ଠୁଳ କରିଥିବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଗତ ଶୁକ୍ରବାର ଭୋରରୁ ସେ ଓ ପରିବାର ରହୁଥିବା ଜୟପୁର ପାରାବେଢା ଶ୍ରୀରାମ ନଗରସ୍ଥିତ ଭଡା ଗୃହ, କୋଟପାଡ ବ୍ଲକ କାର୍ଯାଳୟ କକ୍ଷ ଓ ସରକାରୀ ବାସଗୃହ ସମେତ ନିଜ ପୈତୃକି ଗ୍ରାମ କେନ୍ଦ୍ରାପଡା ଜିଲ୍ଲା ଡେଲାବିଶି ଥାନା ଅଞ୍ଚଳ ସମେତ ସମୁଦାୟ ୭ଟି ସ୍ଥାନରେ ଭିଜିଲାନ୍ସର ୭ ଜଣ ଡିଏସପି. ୯ ଜଣ ଇନ୍‌ସପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ନେତୃତ୍ୱରେ ଚଢ଼ଉ ହୋଇଥିଲା। ତାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତିର ଯାଞ୍ଚ ଓ ଆକଳନ ବେଳେ ତାଙ୍କ ଆୟଠାରୁ ଢେର ଅର୍ଥାତ ୨୬୮ ପ୍ରତିଶତ ଅଧିକ ସମ୍ପତି ବେଆଇନ ଭାବେ ଠୁଳ କରିଥିବା ଜଣା ପଡିଥିଲା। ଏହି ଚଢ଼ଉ ବେଳେ ଲାଞ୍ଚୁଆ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସେଠୀଙ୍କ କୋରାପୁଟ ଜିଲ୍ଲା ବୋରିଗୁମ୍ମା ତହସିଲର ତାରା ଗାଁ ମୌଜାରେ ଦୁଇଟି ଫାର୍ମ ହାଉସ୍, ସମୁଦାୟ ୧୪ ଏକର ୪୦ ଏବଂ ଜିଲ୍ଲାର ବୋରିଗୁମ୍ମା, କୋଟପାଡ, ଜୟପୁର, କୋରାପୁଟ ଏବଂ ପଟାଙ୍ଗି ତହସିଲ ଅଞ୍ଚଳରେ ପ୍ରାୟ ୩୧ ଏକରରୁ ଅଧିକ ଘରବାରୀ ଏବଂ ଅନ୍ୟାନ୍ୟ ଜମି ସମୁଦାୟ ୪୯ଟି ପ୍ଲଟ ଠାବ କରାଯାଇଛି । ସେଥିମଧ୍ୟରୁ ୧୭ଟି ଜମି ଓ ପ୍ଲଟ ବେନାମୀ ରହିଛି । ଖୋର୍ଦ୍ଧା ଜିଲ୍ଲା ଜଟଣୀ ନିକଟସ୍ଥ ହାଇଟେକ୍ ପ୍ଲାଜାରେ ଏକ ହଜାର ବର୍ଗଫୁଟର ୨ ବିଏସକେର ଗୋଟିଏ ଫ୍ଲାଟଗୃହ ଏବଂ ଜୟପୁର ପ୍ରସାଦରାଓ ପେଟା ଇନ୍ଦିରା ଛକ ଠାରେ ବେନାମୀ ଭାବେ ଗୋଟିଏ ପ୍ଲାଟ ରହିଛି। ଭଡାରେ ରହୁଥିବା ବାସଭବନରୁ ୫ଲକ୍ଷ ୪୮ ହଜାର ନଗଦ ଟଙ୍କା, ୯୪୦,୬୬ ଗ୍ରାମର ସୁନା ଅଳଙ୍କାର, ୨କିଲୋ ୪୯୩ ଗ୍ରାମର ରୂପା ସାମଗ୍ରୀ ଏବଂ ୬୦ ଲକ୍ଷ ୯୨ ହଜାର ୫୪୮ ଟଙ୍କାର ପୋଷ୍ଟାଲ ଜମା ଏବଂ ଅନ୍ୟାନ୍ୟ ଅର୍ଥ ଲଗାଣକାରୀ ସଂସ୍ଥାରେ ଟଙ୍କା ନିୟୋଜିତ ସ୍ଥାୟୀ ଜମାଟଙ୍କା, ବେନାମୀ ଭାବେ ଗୋଟିଏ ନାମୀଦାମୀ କାର ଓ ବାଇକ, ୫ଲକ୍ଷ ୫୨ ହଜାର ଟଙ୍କାର ଘରୋଇ ବ୍ୟବହୃତ ସାମଗ୍ରୀ ଠାବ କରାଯାଇଥିଲା।

# ସେମିଲିଗୁଡ଼ାରେ ଜବରଦଖଲ ଉଚ୍ଛେଦ

**ସେମିଲିଗଡ଼ା,୨୧।୬ (ସମିସ):**



କୋରାପୁଟ ଜିଲା ସୁନାବେଡ଼ା ପୌର ପରିଷଦ ଅଧୀନ ସେମିଲିଗୁଡ଼ା ୨୬ ନମ୍ବର ଜାତୀୟ ରାଜପଥ ଭେଣ୍ଡିଂ ଜୋନ୍‌ର ଉଭୟ ପାଶ୍ୱର୍ରେ ସରକାରୀ ଜମିକୁ ଜବରଦଖଲ କରି ବେଆଇନ ନିର୍ମାଣ ଦୋକାନ ଗୁଡ଼ିକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏଥିସହ ରାସ୍ତା କଡ଼ରେ ବେଆଇନ ଗାଡି ପାର୍କିଂ ପୌର, ରାଜସ୍ୱ ଓ ପୋଲିସ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇଛି। ସହରର ଏକାଧିକ ସ୍ଥାନରେ ଚଢ଼ଉ କରି ବେଆଇନ ପାର୍କି କରିଥିବା ଟ୍ରକ, ଟିପ୍ପର ଓ ଅନ୍ୟ ପ୍ରାୟ ୫୦ରୁ ଅଧିକ ଛୋଟ ବଡ଼ ଗାଡିର ପୋଲିସ ଚାଲାଣ କାଟିଛି। ପ୍ରଶାସନ ପକ୍ଷରୁ ମଲ୍ କର୍ତ୍ତୃପକ୍ଷଙ୍କୁ ରାସ୍ତା କଡ଼ରେ ଗାଡି ପାର୍କିଂ ନ କରିବାକୁ ତାଗିଦା କରାଯାଇଛି। ନିୟମ ଖିଲାଫକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଚଢ଼ଉରେ ସେମିଲିଗୁଡ଼ା ତହସିଲଦାର ଦେବବ୍ରତ କରାତି, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ନାୟକ, ସୁନାବେଡ଼ା ପୌର ପରିଷଦ ନିର୍ବାହୀ ଅଧିକାରୀ ସୁଜିତ୍ କୁମାର ଚୌଧୁରୀ, ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା, ସୁନାବେଡ଼ା ଥାନାଧିକାରୀ ସୁଷମା କୁହଁର, ସେମିଲିଗୁଡା ଥାନାଧିକାରୀ ଅନିତା କୁଜୁର ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ତହସିଲଦାର ଦେବବ୍ରତ କରାତି ସୂଚନା ଦେଇଥିଲେ।

# ବିଭିନ୍ନ ସ୍ଥାନରେ ବିଶ୍ୱ ଯୋଗ ଦିବସ







ଆମ୍ବଦଳା, ୨୧।୬ (ସମିସ): (୨୨୦)ବିଶ୍ୱ ଯୋଗ ଦିବସ ଅବସରରେ ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ହାଇସ୍କୁଲ ପଡ଼ିଆରେ ଛତ୍ରପତି ଶିବାଜୀ ପ୍ରଭାତ ଶାଖା ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯଦୁମଣି ଚତର ମୁଖ୍ୟ ଶିକ୍ଷକ ଭାବେ ଉପସ୍ଥିତ ଥିବା ବେଳେ ଏ. ରାଜା ଶାଖା କାର୍ଯ୍ୟବାହ ଭାବେ ଓ ବିନୟ ପଣ୍ଡା ଖଣ୍ଡ କାର୍ଯ୍ୟବାହ ଭାବେ ଯୋଗ ଦେଇଥିଲେ। ଅନିଲ ଅଗ୍ରୱାଲଙ୍କ ସହିତ ୫୦ରୁ ଅଧିକ ସ୍ୱୟଂସେବକ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଯୁବକ-ଯୁବତୀ ଓ ସ୍ଥାନୀୟ ଲୋକମାନେ ବହୁ ସଂଖ୍ୟାରେ ଯୋଗଦେଇ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ। ଯୋଗ ଶିକ୍ଷକମାନେ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବାଜୀ ପ୍ରଭାତ ଶାଖାର ସଦସ୍ୟମାନେ କହିଥିଲେ ଯେ ଯୁବପିଢ଼ିଙ୍କୁ ସୁସ୍ଥ ଓ ଶୃଙ୍ଖଳିତ ଜୀବନଶୈଳୀ ପ୍ରତି ଆକର୍ଷିତ କରିବା ପାଇଁ ଏଭଳି ଯୋଗ କାର୍ଯ୍ୟକ୍ରମ ଅତ୍ୟନ୍ତ ଆବଶ୍ୟକ। ଏହା ଦ୍ୱାରା ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। ଶେଷରେ ସମସ୍ତଙ୍କୁ ନିୟମିତ ଯୋଗ ଅଭ୍ୟାସ କରି ସୁସ୍ଥ ଜୀବନ ଅନୁସରଣ କରିବାକୁ ଆହ୍ୱାନ କରାଯାଇଥିଲା।

**ରାୟଗଡ଼ :** ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ) ପରିସରରେ ରବିବାର "ଯୋଗ ସଙ୍ଗମ" କାର୍ଯ୍ୟକ୍ରମ ଉତ୍ସାହର ସହ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ରାୟଗଡ଼ ବିଧାୟକ କାଡ୍ରକା ଆପଲାସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗର ଉପକାରିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ) ଡା. ନଗେନ୍ଦ୍ର ନାଥ ମହାପାତ୍ର, ଡିଏମଓ (ଏମଏସ୍), ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚଓ), ଡା. ରୁମା ମହାପାତ୍ର, ଏଡିପିଏଚଓ (ଡିସି ) ଡାକ୍ତର ମମତା ଚୌଧୁରୀ , ଡିପିଏମ୍ ଲକ୍ଷ୍ମୀଧର ମହାପାତ୍ର ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ଡିଏଚଏଚର ବହୁ କର୍ମଚାରୀ ସାମିଲ ହୋଇଥିଲେ। ଉପସ୍ଥିତ ସମସ୍ତେ ସାମୂହିକ ଭାବେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ କରି ସୁସ୍ଥ ଜୀବନଶୈଳୀ ପାଇଁ ନିୟମିତ ଯୋଗାଭ୍ୟାସର ସଂକଳ୍ପ ନେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆୟୋଜିତ "ଯୋଗ ସଙ୍ଗମ" କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହେବା ପରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ 'ଯୋଗ ସଙ୍ଗମ ପତ୍ର' ପ୍ରମାଣପତ୍ର ପ୍ରଦାନ କରାଯାଇଛି।

**ମୋ ଭାରତ:** ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାୟଗଡ଼ା ଜିଲ୍ଲାର ମୋ ଭାରତ ପକ୍ଷରୁ ଜିଲ୍ଲା ଯୁବ ଅଧିକାରୀ କିଶୋର ବାମୁଲୱାଡଙ୍କ ନେତୃତ୍ୱରେ କୋଲନରା ବ୍ଲକର ରେଙ୍ଗାଲୁପାଡୁ ଗ୍ରାମରେ ମା' ମାଝିଗୌରୀ ୟୁଥ୍ କ୍ଲବର ସହଯୋଗରେ ଯୋଗ ଦିବସ ପାଳନ କରାଯାଇଛି। ସରପଞ୍ଚ ଚାନ୍ଧୁ ହିମିରିକା ଓ ଯୋଗ ଗୁରୁ ତୁଷାର କୁମାର ସାହୁ ଉପସ୍ଥିତ ରହି ନିୟମିତ ଯୋଗାଭ୍ୟାସ ସୁସ୍ଥ ଜୀବନ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଯୁବକ-ଯୁବତୀ ଏବଂ ମା ମାଝିଗୌରୀ ୟୁଥ୍ କ୍ଲବର ସଦସ୍ୟମାନେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

**୨ୟ ଓଡ଼ିଶା ବାଟାଲିୟନ :** ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ "ସୁସ୍ଥ ଜୀବନ ପାଇଁ ଯୋଗ ଅଭ୍ୟାସ' ବାର୍ତ୍ତାକୁ ନେଇ ରାୟଗଡ଼ା ଜିଲ୍ଲାର ୨ୟ ଓଡ଼ିଶା ବାଟାଲିୟନ ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଗ ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ବହୁ ସଂଖ୍ୟକ କ୍ୟାଡେଟ୍ ଓ ବାଟାଲିୟନର କର୍ମକର୍ତ୍ତାମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। କ୍ୟାପଟେନ୍ ରୀତା ରାଣୀ ମିଶ୍ର ଯୋଗର ମହତ୍ତ୍ୱ ନିୟମିତ ଯୋଗାଭ୍ୟାସ ଦ୍ୱାରା ବିଭିନ୍ନ ରୋଗରୁ ମୁକ୍ତି ଏବଂ ମନ, ପ୍ରାଣ ଓ ଶରୀରକୁ କିପରି ସୁସ୍ଥ ରଖାଯାଇପାରିବ, ସେ ସମ୍ପର୍କରେ ପ୍ରାଞ୍ଜଳ ଭାବେ ଆଲୋକପାତ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସୁବେଦାର ମେଜର ବିପିନ କୁମାର ସିଂ ସୁଚାରୁ ରୂପେ ପରିଚାଳନା କରିଥିଲେ। ଏଥିରେ ବାଟାଲିୟନର ଷ୍ଟାଫ ପ୍ରତିମା ମିଞ୍ଜ, ଗାୟତ୍ରୀ କୁମାରୀ, ରସା କୁମାରୀ ପଣ୍ଡା, ଏଏନଓ କେ.କେ. ଜାନି, ପ୍ରମିଳା ମହାପାତ୍ର, ରଶ୍ମିତା, ଇନ୍ଦୁମତୀଙ୍କ ସମେତ ୧୫୦ରୁ ଅଧିକ କ୍ୟାଡେଟ୍ ଉପସ୍ଥିତ ରହି ସାମୂହିକ ଯୋଗାଭ୍ୟାସ କରିଥିଲେ।

**ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ :** ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ.ସରସ୍ୱତୀ ରାୟଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବେଦାନ୍ତ ଗ୍ରୁପ୍‌ର ସିଏସ୍ଆର୍ ମୁଖ୍ୟ ଅକ୍ଷୟ ମିଶ୍ର ମୁଖ୍ୟ ଅତିଥି ଏବଂ ସହକାରୀ ସିଏସ୍ଆର୍ ମୁଖ୍ୟ ନିଧି ପ୍ରଜାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୪ର୍ଥ ବାଟାଲିୟନ ସିଆରପିଏଫ୍‌ର ସେକେଣ୍ଡ-ଇନ୍-କମାଣ୍ଡ ସଞ୍ଜୟ ରାଉତ, ଆର୍ଟ ଅଫ୍ ଲିଭିଂର ପ୍ରଶିକ୍ଷିକା ଜି. ପଦ୍ମାବତୀ, ପିଜି କାଉନ୍ସିଲ୍ ଚେୟାରମ୍ୟାନ୍ ପି. ଅରୁଣ କୁମାର, ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଉଦୟ ନାୟକ, କେ.କେ. ଜାନି, ରେଡ୍‌କ୍ରସ ପରାମର୍ଶଦାତା ପ୍ରିୟଦର୍ଶିନୀ ବଳ, ଟିକେଶ୍ୱର ମାଝୀ, ଏନ୍‌ଏସ୍‌ଏସ୍ ଅଧିକାରୀ ଶଙ୍କର ପେଦୁରୁ ଓ ମୋନାଲିସା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧକ୍ଷା ଡ. ସରସ୍ୱତୀ ରାୟ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରି କହିଥିଲେ। ଆର୍ଟ ଅଫ୍ ଲିଭିଂର ପ୍ରଶିକ୍ଷିକା ଜି. ପଦ୍ମାବତୀଙ୍କ ସହ ଡ. ସରସ୍ୱତୀ ରାୟଙ୍କ ନେତୃତ୍ୱରେ ଯୋଗ ପ୍ରୋଟୋକଲ୍ ଅନୁଯାୟୀ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଧ୍ୟାନ କରାଯାଇଥିଲା। ଏଥିରେ ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଏବଂ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଯୋଗାଭ୍ୟାସ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଶିଷ କୁମାର ପୂଜାରୀ, ତୁଷାର ବେହେରା ଓ ମନ୍ମଥ ରାଓ ତୋଇକା ସକ୍ରିୟ ସହଯୋଗ କରିଥିଲେ।

**ରାୟଗଡ ଲେଡିଜ୍ ୱାକର୍ସ କ୍ଲବ :** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାୟଗଡ଼ ଲେଡିଜ୍ ୱାକର୍ସ କ୍ଲବ ପକ୍ଷରୁ ଗାୟତ୍ରୀ ମନ୍ଦିର ନିକଟରେ ସାମୂହିକ ଯୋଗ କାର୍ଯ୍ୟକ୍ରମରେ ବହୁ ଲୋକ ଅଂଶଗ୍ରହଣ କରିଥିଲେ। ରବିବାର ସକାଳ ୬ଟାରେ ଅନୁଷ୍ଠିତ ଏହି ଯୋଗ ଶିବିରରେ ରାୟଗଡର ବିଭିନ୍ନ ୱାକର୍ସ କ୍ଲବର ସଦସ୍ୟ, ଲେଡିଜ୍ ୱାକର୍ସ କ୍ଲବର ସଦସ୍ୟା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବର ସଭାପତି ସ୍ମିତା ପାଢ଼ୀ, ଉପସଭାପତି ରୀନା ଲେଙ୍କା, କୋଷାଧ୍ୟକ୍ଷ ସୁଜାତା ପାଢ଼ୀ, ବୋର୍ଡ ସଦସ୍ୟ କସ୍ତୁରୀ ମହାନ୍ତି, ଜେ. ମୀତା ରାଣୀ, ସନ୍ତୋଷିନୀ, ନୀଲୁ, ଅରୁଣା,କଲ୍ୟାଣୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ୱାକର୍ସ କ୍ଲବର ବରିଷ୍ଠ ସଦସ୍ୟ ଟି. ଜୟରାମ, ପ୍ରତାପ ଚନ୍ଦ୍ର ବାଉରୀ , ବାବୁ ରାଓ ମହାନ୍ତି, ସତ୍ୟବାଦୀ ପତି ଓ ଲାଲ ବିହାରୀ ଲେଙ୍କା ମଧ କାର୍ଯ୍ୟକ୍ରମରେ ଯୋଗଦେଇ ଯୋଗାଭ୍ୟାସର ଗୁରୁତ୍ୱ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ।

**ବିଏସ୍ଏଫ, କୋରାପୁଟ :** ସୀମା ସୁରକ୍ଷା ବଳ (ବିଏସଏଫ) କୋରାପୁଟ ସେକ୍ଟର ହେଡ୍ କ୍ୱାର୍ଟରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି। ସେକ୍ଟର ହେଡକ୍ୱାଟର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଆଇଜି ସତ୍ୟବାନ ଖାଞ୍ଚିଙ୍କ ସହ ଅନ୍ୟାନ୍ୟ ଅଧିକାରୀ, ଯବାନ ଏବଂ ପରିବାର ସଦସ୍ୟ ମାନେ ସାମିଲ ହୋଇ ଯୋଗ ଅଭ୍ୟାସ କରିଥିଲେ। ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ କରିବା ନିହାତି ଆବଶ୍ୟକତା ରହିଛି ବୋଲି ଡିଆଇଜି ସତ୍ୟବାନ ଖାଞ୍ଚି ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଯୋଗ କରି ସୁସ୍ଥ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି।







## ହିନ୍ଦୁ ଧର୍ମକୁ ପ୍ରତ୍ୟାବର୍ତ୍ତନ କଲେ ଗୋଟିଏ ପରିବାର



ନନ୍ଦାହାଣ୍ଡି,୨୧।୬(ସମିସ) ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ପଞ୍ଚାୟତ ଅନ୍ତର୍ଗତ ବିଞ୍ଜିଗୁଡ଼ା ଗ୍ରାମର ଲଛମନ ନାୟକ(୫୫) ପିତା ସ୍ୱର୍ଗତ ଗବରୁ ନାୟକ ନିଜ ପୂର୍ବ ହିନ୍ଦୁ ଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କ ସହିତ ପରିବାରର ତାଙ୍କ ସ୍ତ୍ରୀ ତିଳାଏ ନାୟକ, ମା ପଦ୍ମା ନାୟକ, ପୁଅ ବାପି ନାୟକ ଓ ଝିଅ ଗୀତା ନାୟକ ବିଧିବଧ ଭାବେ ହିନ୍ଦୁ ଧର୍ମ ଗ୍ରହଣ କରିଛନ୍ତି। ଲଛମନଙ୍କ କହିବ ଅନୁସାରେ ତାଙ୍କ ପିତା ହିନ୍ଦୁ ଥିଲେ ଓ ନିଜେ ମଧ ହିନ୍ଦୁ ଥିଲେ। କିନ୍ତୁ ପରେ ସେମାନେ ଭିନ୍ନ ଧର୍ମ ଗ୍ରହଣ କରିଥିଲେ। ଉକ୍ତ ସଂସ୍କାର ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ଧର୍ମ ପ୍ରସାର ପ୍ରମୂଖ ସର୍ବେଶ୍ୱର ତ୍ରିପାଠୀ, ନନ୍ଦାହାଣ୍ଡି ମଣ୍ଡଳ ଧର୍ମ ପ୍ରସାର ପରିଚାଳକ ପ୍ରହଲ୍ଲାଦ ହରିଜନ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ପ୍ରକାଶ ଟାକ୍ରି ଉପସ୍ଥିତ ରହିଥିଲେ। ଅପର ପକ୍ଷରେ ରବିବାର ନିଜ ବାସସ୍ଥାନ ବିଞ୍ଜିଗୁଡ଼ା ଠାରେ ପୁରୋହିତଙ୍କ ଦ୍ୱାରା ଗୃହ ସଂସ୍କାର କରାଯାଇଥିଲା। ସେତେବେଳ ପ୍ରହଲ୍ଲାଦ ହରିଜନ ସମେତ ସ୍ଥାନୀୟ , ପ୍ରକାଶ ଟାକ୍ରି, କେଶବ ଜାନୀ, ଓ ଶ୍ରୀଧରହରିଜନପ୍ରମୁଖଉପସ୍ଥିତରହିଥିଲେ।

## ଗୋଦାମ ତାଲା ଭାଙ୍ଗି ଚୋରି ଉଦ୍ୟମ

ଜୟପୁର, ୨୧।୬(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ମାଦଳା ସାହି ଠାରେ ଏକ କିରାନା ଦୋକାନର



ଗୋଦାମ ଗୃହରେ ତାଲା ଭାଙ୍ଗି ଚୋରି ଉଦ୍ଦେଶ୍ୟରେ। ଦୁର୍ବୃତ୍ତ ମାନେ ପ୍ରବେଶ କରିଥିଲେ। କିନ୍ତୁ ପଡୋଶୀ ଉଠିପଡିବାରୁ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ଏବଂ ଏହିପରି ଚୋରମାନେ ସେମାନଙ୍କ ଜୋତା ଘଟଣାସ୍ଥଳରେ ଛାଡିଦେଇ ଫେରାର ହୋଇଯାଇଛନ୍ତି। ଏହି ସମସ୍ତ ଦୃଶ୍ୟ ସିସି କ୍ୟାମେରାରେ ଉତ୍ତୋଳନ ହୋଇଯାଇଛି। ଏଥିନେଇ ଦୋକାନ ମାଲିକ ଅଜିତ ସାମନ୍ତରାପାତ୍ର ଟାଉନଥାନାଲେ ଗତକାଲି ଲିଖିତ ଭାବେ ଅଭିଯୋଗ କରିଛନ୍ତି। କିନ୍ତୁ ଆଜି ସୁଦ୍ଧା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିନଥିବା ନେଇ ସୂଚନା ପ୍ରାପ୍ତ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ , ଗତ ଶନିବାର ଭୋର ୪ ଟା ୫ ମିନିଟ ସମୟରେ ଦୁଇଜଣ ଦୁର୍ବୃତ୍ତ କେବିଏସଡି ରୋଡର ମାଦଳା ସାହିରେ ରହିଥିବା ଏକ କିରାନା ଦୋକାନର ପଛପଟେ ଉକ୍ତ ଦୋକାନର ଗୋଦାମ ଗୃହର ଦୁଇଟି କବାଟର ତାଲା ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। କିନ୍ତୁ ସିସି କ୍ୟାମରା ଦେଖିବା ପରେ ସେମାନେ ବିଦ୍ୟୁତ ବନ୍ଦ କରିବା ନେଇ ମେନ୍ ସୁଇଚକୁ ବନ୍ଦ କରିଦେଇଥିଲେ। କିନ୍ତୁ ଉକ୍ତ ବିଦ୍ୟୁତ ଲାଇନ୍‌ରେ ଗୋଦାମ ପଛପାଖରେ ରହୁଥିବା ପୋଡଶୀ ଘରର ବିଦ୍ୟୁତ ସଂଯୋଗ ବନ୍ଦ ହୋଇଯାଇଥିଲା। ଫଳରେ ପୋଡଶୀ ମାନେ ନିଦରୁ ଉଠିପଡିଥିଲେ , ଦୁଇ ଦୁର୍ବୃତ୍ତ କୌଣସି ସାମଗ୍ରୀ ନେବାରେ ବିଫଳ ହୋଇଥିଲେ ଏବଂ ଘଟଣାସ୍ଥଳରେ ହିଁ ନିଜ ନିଜର ଜୋତା ଛାଡି ଚମ୍ପଟ ମାରିଛନ୍ତି। ଏଥିନେଇ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ କହିଛନ୍ତି ଯେ, ଏଥିନେଇ ତାଙ୍କ ପାଖରେ କୌଣସି ସୂଚନା ନେଇ ଏହାର ଯାଞ୍ଚ କରିବା ସହିତ ଦୁର୍ବୃତ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ନନ୍ଦପୁର ଓ ପାଡୁଆ ପୋଲିସର ଯାନବାହନ ଯାଞ୍ଚ କଡ଼ାକଡ଼ି

ନନ୍ଦପୁର,୨୧।୬ (ସମିସ): ରବିବାର ସଂଧ୍ୟାରେ ନନ୍ଦପୁର ଓ ପାଡୁଆ ପୁଲିସ ପକ୍ଷରୁ ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯାଇଛି। ନନ୍ଦପୁର ଓ ପାଡୁଆ ଦୁଇ ଥାନା ଅଧିକାରୀ ତ୍ରିନାଥ ତୋଟା ପାଡ଼ିଆ ଓ ଟୁନା ପିଡିକା ସହ ପୁଲିସ୍ ଦଳ ବିଭିନ୍ନ ଛକରେ ପାଡୁଆରୁ ନନ୍ଦପୁର ଓ ନନ୍ଦପୁର ଅଞ୍ଚଳ ଦେଇ ପାଡୁଆ ଆସୁଥିବା ସମସ୍ତ ଯାନ ବାହନ ଯାଞ୍ଚ କରିଥିଲା ପୁଲିସ୍ । ତେବେ ଏହି ଘଟଣା ନେଇ ଉଭୟ ଥାନା ଅଧିକାରୀଙ୍କୁ ପଚାରିବାରୁ ସାମାନ୍ୟ ପୁଲିସ୍ ଯାଞ୍ଚ ଚାଲିଛି ବୋଲି କହିଥିଲେ। ମିଳିଥିବା ଖବର ଅନୁସାରେ ଯାଞ୍ଚ ସମୟରେ ପୁଲିସ ସଂଦିଗ୍ଧ ଗୋଟିଏ ଗାଡିକୁ ଅଟକ ରଖିଥିବା ଖବର ମିଳିଛି ।

## ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା

ତେନ୍ତୁଳିଖୁଣ୍ଟି,୨୧।୬(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ସ୍ଥିତ ପାଇକ ବାରଙ୍ଗପଦର ଗ୍ରାମରେ ଇଷ୍ଟ ଦେବି ମା'ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମବାସୀଙ୍କ ଦ୍ୱାରା ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ସମସ୍ତ ଭକ୍ତ ବୃନ୍ଦଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା ହୋଇଥିଲା। ଗ୍ରାମର ଯୁବଗୋଷ୍ଠୀ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟକ୍ରମକୁ ସଫଳ କରିବାରେ ପୂର୍ଣ୍ଣ ସହଯୋହ କରିଥିଲେ। ମା'ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପରେ ଗ୍ରାମରେ ଶାନ୍ତି ଏବଂ ଶୃଙ୍ଖଳା ବୃଦ୍ଧି ପାଇବା ନେଇ ବିଶ୍ୱାସ ରଖିଛନ୍ତି ଗ୍ରାମବାସୀ ।

## 'ବିକାଶର ଧାରା, ଓଡ଼ିଶା ସାରା'କାର୍ଯ୍ୟକ୍ରମ

ରାମନାଗଡ଼ା,୨୧।୬(ସମିସ): ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ପରିସରରେ ବ୍ଲକ ସ୍ତରୀୟ "ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରରେ ବ୍ଲକ ପ୍ରଶାସନ ପକ୍ଷରୁ ମଞ୍ଚାସୀନ ଅତିଥି, ଜନ ପ୍ରତିନିଧି, ଗଣମାଧମ ପ୍ରତିନିଧି ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗୋମାଙ୍ଗ,ଉପାଧ୍ୟକ୍ଷା ଜାନକୀ ନିମାଳା,ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଗୟା ଡମ୍ବୁରୁ ଧର ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ପ୍ରାଣୀ ଚିକିତ୍ସା ଅଧିକାରୀ କୃଷ୍ଣ ନନ୍ଦ ବେହେରା,ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅଞ୍ଜଳି ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିବା ବେଳେ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ଉପସ୍ଥିତ ଥିଲେ। ହି କାର୍ଯ୍ୟକ୍ରମ ରେ ସରକାରଙ୍କ ପକ୍ଷରୁ ବିକାଶର ଧାରା ଓଡିଶା ସାରା ରେ ୩୦ ଜଣ ଅଙ୍ଗନବାଡି କର୍ମୀ ଙ୍କୁ ମୋବାଇଲଫୋନ,୩୫ଜଣହିତାଧିକାରୀଙ୍କୁ ଖାଉଟି କାର୍ଡ, ୬୦ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପତ୍ର ଏବଂ ୨୦ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା।।

## ବିଜେଡିର ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ



ପାପଡାହାଣ୍ଡି, ୨୧।୬(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ସୋରିଷପଦର ଆରଏମସି ମଣ୍ଡି ବିଲଡିଙ୍ଗ ଠାରେ ବିଜେଡିର ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲ୍ଲା ସଭାପତି ତଥା ଡାବୁଗାଁ ବିଧାୟକ ମନହୋର ରନ୍ଧାରୀଙ୍କ ସଭାପତିତ୍ୱରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ଉମରକୋଟ ବିଧାୟକ ସୁବାଷ ଗଣ୍ଡ, ପୂର୍ବତନ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ.ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବିଜେଡି ମହିଳା ନେତ୍ରୀ ମଞ୍ଜୁଳା ମାଝୀ, କୌଶଲ୍ୟା ପ୍ରଧାନୀ, ଉମରକୋଟ ଏନଏସସି ଅଧକ୍ଷା ରାଧା ଭତରା, ଜିଲ୍ଲା ଉପସଭାପତି ବଦ୍ରିନାରାୟଣ ସିଂଘ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଅତିଥିମାନେ ନବୀନ ପଟ୍ଟନାୟକଙ୍କ ଦୀର୍ଘ ୨୪ ବର୍ଷର ସୁଶାସନ ଏବଂ ୨ ବର୍ଷ ର ବିଜେପି ସରକାରର ବିଫଳତା ନେଇ ଆଲୋଚନା କରିଥିଲେ। ଏନେଇ ସମସ୍ତ କର୍ମୀ ଆଗାମୀ ପଞ୍ଚାୟତ ଓ ମ୍ୟୁନିସ୍‌ପାଲଟି ନିର୍ବାଚନ ପାଇ ପ୍ରସ୍ତୁତ ହେବାକୁ କହିଥିଲେ। ବିଜେପି ସରକାର ୨ ବର୍ଷର ବିଫଳତାକୁ ଲୋକଙ୍କ ନିକଟରେ ପହଞ୍ଚିବାକୁ ସେ କହିଥିଲେ। ଲୋକଙ୍କ ସମସ୍ୟା ଉପସ୍ଥାପନା କରିବା ସହ ଲୋକଙ୍କୁ ସାହାଯ୍ୟ ସହଯୋଗ କରିବାକୁ କହିଥିଲେ। ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଜେଡି ବରିଷ୍ଠ ନେତା, ରଜନୀ ସାସମଲ, ସ୍ୱାଧୀନ ପଟ୍ଟନାୟକ ଶହ ନଅ ଗୋଟି ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟାକ୍ଷାଙ୍କ ସହ ଜିଲ୍ଲାର ବିଜେଡି କର୍ମୀ ଉପସ୍ଥିତ ରହିଥିଲେ।

## ଜୟପୁରରେ ନିଟ୍ ପ୍ରବେଶିକା ପରୀକ୍ଷା

ଜୟପୁର, ୨୧।୬(ସମିସ): ଆଜି ଜୟପୁରରେ ନିଟ୍ ପରୀକ୍ଷା ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ଗୋଟାଏ ଠାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପରୀକ୍ଷା ନିମନ୍ତେ କୋରାପୁଟ ଜିଲ୍ଲା ଦୁଇଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଆଜି ସମୁଦାୟ ୨୧୧ ଜଣ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇଥିଲେ ଏବଂ ୨୯ ଜଣ ଅନୁପସ୍ଥିତ ରହିଥିଲେ। ଏହିପରି ପରୀକ୍ଷା ଦାୟୀତ୍ୱରେ ପରୀଚାଳନାରେ କେନ୍ଦ୍ର ମୁଖ୍ୟ ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ୱଧାନରେ ପୁଲିସର କଡା ସୁରକ୍ଷା ଏବଂ ସିସି କ୍ୟାମେରା ବ୍ୟବସ୍ଥାରେ ଏହି ପରୀକ୍ଷା ଆୟୋଜିତ ହୋଇଥିଲା। ସେହିପରି କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଜିଲ୍ଲାର ଦ୍ୱିତୀୟ ପରୀକ୍ଷା କେନ୍ଦ୍ର ଭାବେ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

## ନବଜାତ ଶିଶୁ ଚୋରି ଅଭିଯୋଗ

ଉମରକୋଟ,୨୧।୬(ସମିସ): ଉମରକୋଟ ହସ୍ପିଟାଲରେ ନବଜାତ ଶିଶୁ ଚୋରି ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଉମରକୋଟ ବ୍ଲକ ସୁକିଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦାବ୍ରିଗୁଡ଼ା ଗାଁର ଧନମତି ସାନ୍ତାଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଗତ ଏପ୍ରିଲ ୨ ତାରିଖ ସକାଳ ୭ଟାରେ ଉମରକୋଟ ହସ୍ପିଟାଲକୁ ଆସିଥିଲେ। ସେଠାରେ ରାତି ୧୦ଟାରେ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ । ଏଥିସହ ନବଜାତ ସନ୍ତାନକୁ ନିଜ ପାଖରେ ରଖିଥିଲେ। କିଛି ସମୟ ପରେ ନବଜାତ ସନ୍ତାନ ତାଙ୍କ ପାଖରେ ନଥିବା ଦେଖିବାକୁ ପାଇଥିଲେ । ଶିଶୁ ସଂପର୍କରେ ସ୍ୱାମୀ କମଲ ସାନ୍ତାଙ୍କ ପଚାରିବାରୁ ମେଡିକାଲ କର୍ମଚାରୀ ତାଙ୍କଠାରୁ ସାଦା କାଗଜରେ ଦସ୍ତଖତ କରି ଶିଶୁକୁ କୋରାପୁଟ ରେଫର୍ କରାଯାଇଛି ବୋଲି କହିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ନବଜାତ ଶିଶୁକୁ ମେଡିକାଲ ପକ୍ଷରୁ ଦିଆଯାଉ ନଥିବାରୁ ଘଟଣା ସଂପର୍କରେ ଧନମର୍ତି ସାନ୍ତା ଉମରକୋଟ ଥାନାରେ ଏତଲା ଦେଇଛନ୍ତି । ଏପ୍ରିଲ ମାସର ଘଟଣା ଏବେ ଥାନାରେ ଅଭିଯୋଗ କରିବା ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଏନେଇ ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଶରତ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଧନମତି ସାନ୍ତା ମଲାଛୁଆ ଜନ୍ମ କରିଥିବା ସେ କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ବିଷମ କଟକ, ୨୧।୬(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ କୁମ୍ଭାର ଧାମୁଣି ପଞ୍ଚୟତର ପାପଡ଼ମ ଗାଁ ନିକରେ ୪୬ ନମ୍ବର ରାଜ୍ୟ ରାଜପଥ କଡ଼ରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଉଛନ୍ତି ବିଷମ କଟକ ଥାନା ଝିଗିଡି ପଞ୍ଚାୟତର ସୁନାରୀଗୁଡା ଗ୍ରାମର ଈଶ୍ୱର ସାରକା(୧୮) । ସୂଚନା ଅନୁଯାୟୀ, ଈଶ୍ୱର ଆଜି ସକାଳେ ବାଇକ ଯୋଗେ ତାଙ୍କ ବଡ ଭଉଣୀକୁ ତାଙ୍କ ଶାଶୁ ଘରେ ଛାଡିବା ପାଇଁ ଖେଜାପଡା ଗ୍ରାମକୁ ଯାଇଥିଲେ। ସେଠାରୁ କୌଣସି କାମରେ ଦୁର୍ଗୀ ଗ୍ରାମକୁ ପହଞ୍ଚି ରାତି ୯ଟାରେ ନିଜ ଘର ଅଭିମୁଖେ ଆସୁଥିଲେ। ସେଇ ସମୟରେ ଭରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଘଟଣା ସ୍ଥଳରେରେ ଈଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେବା ସହ ଈଶ୍ୱରକୁ ଉଦ୍ଧାର କରି ଆମ୍ବୁଲାନ୍ସ ସାହାଯ୍ୟରେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକୁ ପଠେଇ ଥିଲେ। ଡାକ୍ତର ସେଠାରେ ତାଙ୍କର ମୃତ ଘଷଣା କରିବା ସହ ଏନେଇ ଥାନାକୁ ଜଣାଇଥିଲେ। ଘଟଣା ସ୍ଥଳରେ ବିଷମ କଟକ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।

## ଘାଟି ତଳକୁ ଖସିଲା ଡିଜେଲ ବୋଝେଇ ଟ୍ୟାଙ୍କର

ବୈପାରୀଗୁଡା,୨୧।୬(ସମିସ): ।ଲକାନଗିରି ଏବଂ କୋରାପୁଟ ଜିଲ୍ଲା ସୀମାନ୍ତ ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମନ୍ତ୍ରୀଆମ୍ବ ଘାଟିରେ ଏକ ଡିଜେଲ ବୋଝେଇ ଟ୍ୟାଙ୍କର ଭାରସାମ୍ୟ ହରାଇ ଘାଟି ତଳକୁ ଖସିପଡିଛି। ୩୨୬ ନଂ ଜାତୀୟ ରାଜପଥ ର ମନ୍ତ୍ରୀଆମ୍ବ ନିକଟରେ ଘଟିଛି ଦୁର୍ଘଟଣା। ସୂଚନା ଅନୁଯାୟୀ ଡିଜେଲ ବୋଝେଇ ହୋଇ ଟ୍ୟାଙ୍କରଟି ମାଲକାନଗିରି ଅଭିମୁଖେ ଆସୁଥିଲା । ଘାଟିର ବୁଲାଣିରାସ୍ତାରେଟ୍ୟାଙ୍କରଟିଭାରସାମ୍ୟହରାଇଦୁର୍ଘଟଣାଗ୍ରସ୍ତହୋଇଥିଲା।ଦୁର୍ଘଟଣାପରେସ୍ଥାନୀୟ ଗ୍ରାମବାସୀଖବରପାଇଦୁର୍ଘଟଣାସ୍ଥଳରେପହଞ୍ଚିଡ୍ରାଇଭରଙ୍କୁଗାଡିରୁବାହାରକରିଥିଲେ।ଡ୍ରାଇଭରଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ତାଙ୍କୁ ବୈପାରିଗୁଡା ଡାକ୍ତରଖାନାକୁ ପଠାଇଥିବା ଜଣାଯାଇଛି।

